# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୩.୦୯.୨୦୨୨ ରିଖ

ସମୟ-ଅପରାହ୍ନ ଘ.୫.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପରସନ୍,
୨. ଶ୍ରୀ ବିଜୟ ଅମୃତା କୁଲାଙ୍ଗେ, ଆଇ.ଏ.ଏସ୍, ମ୍ୟୁନିସିପାଲ୍ କମିଶନର,
୩. ଶ୍ରୀମତୀ ଭାରତୀ ସିଂ, ସଭ୍ୟା,
୪. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୫. ଶ୍ରୀମତୀ କେ. ଶାନ୍ତି, ସଭ୍ୟା

ଅଦ୍ୟ ତା ୨୩.୦୯.୨୦୨୨ ରିଖ ଅପରାହ୍ନ ଘ. ୫.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). Sanitation agency ବାବଦୀୟ ଖର୍ଚ୍ଚ ବିଷୟରେ ଆଲୋଚନା କରାଗଲା, ଏମ୍.ସି.ସି/ ଏମ୍.ଆର୍.ଏଫ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହି ସମ୍ବନ୍ଧରେ କେତେ ଖର୍ଚ୍ଚ ହେଉଥିଲା ଏବଂ ବର୍ତ୍ତମାନ କେତେ ଖର୍ଚ୍ଚ ହେଉଛି, ତାହାର ଏକ ତୁଳନାତ୍ମକ ହିସାବ ଫର୍ଦ୍ଦ ପ୍ରସ୍ତୁତ କରାଯାଇ କମିଟିରେ ଉପସ୍ଥାପନ କରାଯାଉ । ଆବଶ୍ୟକ ସ୍ଥଳେ door to door collection garbage programme କୁ ଦିନକୁ ଦୁଇ ଥର ଅର୍ଥାତ୍ Morning & Afternoon hour ସମୟରେ introduce କରିବା ପାଇଁ ସର୍ବ ସମ୍ମତିକ୍ରମେ ସ୍ଥିର କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳର ରାସ୍ତା ଗୁଡ଼ିକୁ ବିଭିନ୍ନ ଏଜେନ୍ସିମାନେ ମନମୁଖୀ ଖୋଳୁଛନ୍ତି, ସେଗୁଡ଼ିକୁ ଠିକ୍ ସମୟରେ repair କରୁନାହାଁନ୍ତି, ଫଳରେ ଜନସାଧାରଣମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାର୍ଯ୍ୟ ଆରମ୍ଭ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ ଠାରୁ NOC ନେବାପାଇଁ ଗତ ତା ୧୯.୦୮.୨୦୨୨ ରିଖ କର୍ପୋରେସନର ନିଷ୍ପତି ଅନୁଯାୟୀ ସମ୍ପୃକ୍ତ ସଂସ୍ଥା ବି ଏମ୍ ସି ରୁ Permission ନେବା ବାଧ୍ୟତାମୂଳକ କରିବା ଏବଂ ଏଥିପାଇଁ ଏକ Online module Smart City ଦ୍ୱାରା ତିଆରି କରିବା ପାଇଁ ସର୍ବ ସମ୍ମତିକ୍ରମେ ସ୍ଥିର କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମର ପ୍ରତ୍ୟେକ ୱାର୍ଡ଼ରେ ଏକ ୱାର୍ଡ଼ ଅଫିସ୍ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କୁ Land alienation ପାଇଁ ପ୍ରସ୍ତାବ ଦିଆଯାଇଛି । ଏହା ସମୟ ସାପେକ୍ଷ ହୋଇଥିବାରୁ, ଯେଉଁ ୱାର୍ଡ଼ରେ ୱାର୍ଡ଼ ଅଫିସ୍ ପାଇଁ ବିଲ୍ଡିଂ ନାହିଁ ସେହିସବୁ ୱାର୍ଡ଼ ପାଇଁ ଭଡ଼ା ସୂତ୍ରରେ ଘର ନେଇ ୱାର୍ଡ଼ ଅଫିସ୍ କାର୍ଯ୍ୟକ୍ଷମ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ସ୍ଥିର କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଜନସାଧାରଣଙ୍କ ଯାତାୟାତ ନିମନ୍ତେ ପ୍ରମୁଖ ଛକ ଗୁଡ଼ିକୁ No Parking Zone ଭାବେ ପରିଗଣିତ କରିବା ପାଇଁ ସ୍ଥିର କରାଗଲା ଏବଂ ସମ୍ପୃକ୍ତ ଛକ ଗୁଡ଼ିକ ନିକଟବର୍ତ୍ତୀ ଅଂଚଳରେ Parking area ଚିହ୍ନଟ କରିବା ପାଇଁ ସମ୍ପୃକ୍ତ ZDC ମାନଙ୍କ ନିକଟରେ ଦାୟିତ୍ୱ ନ୍ୟସ୍ତ କରାଗଲା । No Parking Zone ଅଂଚଳରେ ଯେଉଁମାନେ illegal parking କରିବେ, ସେମାନଙ୍କ ଉପରେ penalty impose କରିବା ପାଇଁ ସର୍ବ ସମ୍ମତିକ୍ରମେ ସ୍ଥିର କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳର ପ୍ରତ୍ୟେକ ଗଳିରେ ଜନସାଧାରଣଙ୍କ ସୁବିଧା ପାଇଁ signage ଲଗାଇବା ନିମନ୍ତେ ସର୍ବ ସମ୍ମତିକ୍ରମେ ସ୍ଥିର କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୩.୦୯.୨୦୨୨ ରିଖ